# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 15 March – 2026

# ପିଏମ୍-ମାଇଁ ଭାରତ କ୍ୱେଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ-୨୦୨୬'ର ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳସ୍ତରୀୟ ବିଜେତାଙ୍କ ସହ ମତବିନିମୟ କରିବେ । ଯୁବବର୍ଗଙ୍କୁ କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା କରିବା ଏବଂ ବିକଶିତ ଭାରତ ଗଠନ ନେଇ ସେମାନଙ୍କର ଦୃଷ୍ଟିକୋଣକୁ ଉପସ୍ଥାପନ କରିବାକୁ ଏହା ଏକ ମଞ୍ଚ ପ୍ରଦାନ କରିବ । କ୍ୱେଷ୍ଟ-୨୦୨୬ରେ ୧୨ଲକ୍ଷରୁ ଅଧିକ ଯୁବବର୍ଗ ଅଂଶଗ୍ରହଣ କରିଥିବାବେଳେ ୪୭ହଜାର ପ୍ରବନ୍ଧ ସେମାନେ ଦାଖଲ କରିଛନ୍ତି ।

# କ୍ରୀଡା ଉପକରଣ

ରାଜ୍ୟର ୧୦ଟି ଜିଲ୍ଲାର ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ ଗ୍ରାମୋଦୟ ଅଭିଯାନ ଅଧୀନରେ କ୍ରୀଡା ସାମଗ୍ରୀ ଯୋଗାଇ ଦିଆଯିବ। ଦୁର୍ଗମ ତଥା ମାଓ ପ୍ରଭାବିତ ଅଞ୍ଚଳର ଯୁବବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ବିଭାଗ ପକ୍ଷରୁ ମୋଟ ୨କୋଟି ୪୨ଲକ୍ଷ

୫୦ହଜାର ଟଙ୍କା ଅନୁମୋଦନ କରାଯାଇଛି । ପ୍ରତ୍ୟେକ ଚିହ୍ନିତ ଗ୍ରାମକୁ ୫୦ହଜାର ଟଙ୍କ ମୂଲ୍ୟର କ୍ରୀଡା ଉପକରଣ ପ୍ରଦାନ କରାଯିବ ।

## ଅଭିଯୋଗ ଶୁଣାଣୀ ବନ୍ଦ

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତାକାଲି, ୨୩ ଏବଂ ୩୦ତାରିଖ ସୋମବାରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ଓଡିଶା ହାଇକୋର୍ଟ ସମେତ ସମସ୍ତ ୩୦ଟି ଜିଲ୍ଲାସ୍ତରୀୟ ଅଦାଲତରେ ଗତକାଲି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷର ଏହି ପ୍ରଥମ ଲୋକ ଅଦାଲତରେ ମୋଟ ୩ଲକ୍ଷ ୧୧ହଜାର ୬୯୦ଟି ମାମଲାର ଫଇସଲା କରାଯିବା ସହ ୧୬୬କୋଟି ୨୩ଲକ୍ଷ ୧୩ହଜାର ୯୨୫ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଉପଭୋକ୍ତା ଦିବସ

ଉପଭୋକ୍ତାମାନଙ୍କର ଅଧିକାରୀ ସୁରକ୍ଷା ଏବଂ ସେମାନଙ୍କର କର୍ତ୍ତବ୍ୟ ବିଷୟରେ ସଚେତନତା କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ । ଉପଭୋକ୍ତା ସୁରକ୍ଷା ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ-୨୦୧୯ ପ୍ରଣୟନ କରାଯାଇଛି । ସ୍ୱେଚ୍ଛାସେବୀ ସଂଗଠନ, ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନର ସହାୟତାରେ କର୍ମଶାଳା ଏବଂ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ନିରାପଦ ଉତ୍ପାଦ, ଆଶ୍ୱସ୍ତ ଉପଭୋକ୍ତା ।'

## ଆଲୋଚନାଚକ୍ର

ଭୁବନେଶ୍ୱର ପୁଲିସ ଭବନଠାରେ ଗତକାଲି ଜୁଭେଣ୍ଟିକା-ଡିଜିଟାଲ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡିଶା ପୁଲିସ ଓ ୟୁନିସେଫର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରିନିଆ ଯୋଗଦେଇ ଶିଶୁଙ୍କ କ୍ଷେତ୍ରରେ ରହିଥିବା ସାଇବର ବିପଦ ଏବଂ ପ୍ରତିହତ କରିବା ନେଇ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ଉପରେ ଆଲୋକପାତ କରିଛନ୍ତି ।

# ହାତୀ ଉପଦ୍ରବ

କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ହାତୀ ଆକ୍ରମଣରେ ତିନିଜଣଙ୍କର ମୃତ୍ୟୁ ହେବା ନେଇ ବନବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି । ବିଭାଗ ହାତୀ ଗତିବିଧି ଉପରେ ଲକ୍ଷ୍ୟ ରଖିଥିବା ଫୁଲବାଣୀ ବନଖଣ୍ଡ ଅଧିକାରୀ କହିଛନ୍ତି । ହାତୀଙ୍କୁ ଘୋଉଡାଇବା ଏବଂ ଲୋକମାନଙ୍କୁ ସଚେତନ କରାଇବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ମୃତକମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଡିଏଫଓ ପ୍ରକାଶ କରିଛନ୍ତି ।

# ଚୈତ୍ରଯାତ୍ରା

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା'ତାରାତାରିଣୀଙ୍କ ପୀଠରେ ମହାବାରୁଣୀ ସ୍ନାନ ଏବଂ ଚୈତ୍ର ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୭ତାରିଖ ଦ୍ୱିତୀୟ ମଙ୍ଗଳବାରରେ ମହାବାରୁଣୀ ସ୍ନାନ ନିମନ୍ତେ ଭକ୍ତମାନଙ୍କ ପ୍ରବଳ ଭିଡକୁ ଆଖିଆଗରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

# ପୋଖରୀ ପୁନରୁଦ୍ଧାର

ନବରଙ୍ଗପୁର ସହରର ବହୁ ପୁରାତନ ଗୋରାମୁଣ୍ଡା ଓ ଆବନ୍ଧସାହି ପୋଖରୀର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ନଗରଉନ୍ନୟନ ବିଭାଗ ୧କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଉଭୟ ପୋଖରୀର ସୌନ୍ଦର୍ଯ୍ୟୀକରଣ, ଜଳ ନିଷ୍କାସନ ଓ ଦଳ ସଫେଇ କରାଯିବାକୁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।

# ଟାଏକଣ୍ଡ୍ୱାଣ୍ଡୋ ପ୍ରତିଯୋଗିତା

ଫକୀରମୋହନ ବିଶ୍ୱବିଦ୍ୟାଳୟ ନୂଆପାଢୀ କ୍ୟାମ୍ପସରରେ ଆସନ୍ତାକାଲିଠାରୁ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଟାଏକଣ୍ଡ୍ୱାଣ୍ଡୋ ପ୍ରତିଯୋଗିତା ଆରମ୍ଭ ହେବ । ନୂଆଦିଲ୍ଲୀରର ଆସୋସିଏଶନ ଅଫ ଇଣ୍ଡିଆନ ୟୁନିଭରସିଟିଜ୍ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୫ଟି ରାଜ୍ୟର ୧୫୯ଟି ବିଶ୍ୱବିଦ୍ୟାଳୟରୁ ମୋଟ ୯୩୨ଜଣ ଖେଳାଳୀ ଅଂଶଗ୍ରହଣ କରୁଛନ୍ତି । ପ୍ରତିଯୋଗିତା ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ ।

# ପାଣିପାଗ

ଦେଶର କେତେକ ଅଞ୍ଚଳ ତଥା ଦକ୍ଷିଣ ଆଭ୍ୟନ୍ତରୀଣ  ଓଡିଶା ଓ ଛତିଶଗଡ ଉପରେ ନିମ୍ନ ଚାପରେଖା ସକ୍ରିୟ ରହିଥିବାରୁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ରାଜ୍ୟରଉପକୂଳ, ଉତ୍ତର ଏବଂ ଦକ୍ଷିଣାଞ୍ଚଳର କେତେକ ସ୍ଥାନରେ କାଳବୈଶାଖୀର ପ୍ରଭାବ ଅନୁଭୂତ ହେବ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ ୨୪ଘଣ୍ଟା ପରେ ରାଜ୍ୟର କେତେକ ଅଞ୍ଚଳରେ  ଦିନର ତାପମାତ୍ରା ୫ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ । ତେବେ ରାଜ୍ୟର ପଶ୍ଚିମାଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବା ସହିତ ଗତକାଲି ଝାରସୁଗୁଡାରେ ସର୍ବାଧିକ ୪୦ଦଶମିକ ୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଆସନ୍ତା ୨୪ଘଣ୍ଟା ପାଇଁ ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।